# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୩୩ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୧୭ ତାରିଖ: ୨୪.୦୪.୨୦୨୬

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୮.୦୪.୨୦୨୬ ରୁ ୨୪.୦୪.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ବରଗଡ଼ | 39 | 39 | 40 | 39 | 41 | 43 | 43 | 24 | 25 | 24 | 25 | 25 | 25 | 25 | 0 | 0 | 0 | 0 | 0 | 0 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୫-୦୪-୨୦୨୬ | ୨୬-୦୪-୨୦୨୬ | ୨୭-୦୪-୨୦୨୬ | ୨୮-୦୪-୨୦୨୬ | ୨୯-୦୪-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 4 | 5 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 43 | 42 | 42 | 41 | 41 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 25 | 25 | 26 | 26 |
| ମେଘ ଆବରଣ(ଓକଟା) | 2 | 1 | 1 | 3 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 34 | 50 | 48 | 37 | 39 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 7 | 8 | 10 | 10 | 9 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 2 | 6 | 10 | 7 | 9 |
| ପବନର ଦିଗ (ଡିଗ୍ରୀ) | 225 | 90 | 182 | 212 | 192 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ ପାଗ ଶୁଷ୍କ ରହିପାରେ ଓ ତା'ପରେ କିଛିଟା ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିପାରେ । ଏହି ସମୟ ଅବଧିରେ ଆକାଶ ପ୍ରଥମେ ମୁଖ୍ୟତଃ ସଫା ରୁ ଆଂଶିକ ମେଘାଛନ୍ନ ରହିପାରେ । ଆଗାମୀ ୫ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରାରେ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା କମ ରହିବା ସହିତ ୨ ରୁ ୧୦ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ, ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପାଣିପାଗ ପୂର୍ବାନୁମାନ (ତାରିଖ: ୨୩.୦୪.୨୦୨୬) ଅନୁଯାୟୀ, ପ୍ରଥମ ସପ୍ତାହ (୨୪ ରୁ ୩୦ ଅପ୍ରିଲ୍, ୨୦୨୬)ରେ ଓଡ଼ିଶାର କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ଏବଂ ଦ୍ୱିତୀୟ ସପ୍ତାହ (୦୧ ରୁ ୦୭ ମଇ, ୨୦୨୬)ରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଶୁଖିଲା ପାଗ ରହିବାର ସମ୍ଭାବନା ଅଛି । ପ୍ରଥମ ସପ୍ତାହରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ଦ୍ୱିତୀୟ ସପ୍ତାହ ରେ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ରୁ ଅଧିକ ରହିପାରେ । ତେଣୁ ଚାଷୀଭାଇମାନଙ୍କୁ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଅଛି ।
- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ଜିଲ୍ଲାସ୍ତରୀୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ଦିନରେ ଜିଲ୍ଲାରେ ଉଷ୍ମ ପାଗ ରହିପାରେ, ତେଣୁ ଚାଷୀଭାଇମାନଙ୍କୁ ଠିଆ ଫସଲରେ ହାଲୁକା ଏବଂ ବାରମ୍ବାର ଜଳସେଚନ କରିବାକୁ, ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପର୍ଯ୍ୟାୟରେ ଜଳସେଚନର ମାତ୍ରା ବୃଦ୍ଧି କରିବାକୁ ଓ କେବଳ ସନ୍ଧ୍ୟା କିମ୍ବା ସକାଳ ସମୟରେ ଜଳସେଚନ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ସମ୍ଭବ ହୁଏ, ଫସଲର ଅବଶିଷ୍ଟାଂଶ, ନଡ଼ା / ପଲିଥିନ୍ ସହିତ ଫସଲକୁ ଘୋଡାଇ ନିଅନ୍ତୁ କିମ୍ବା ମାଟିର ଆର୍ଦ୍ରତା ସଂରକ୍ଷଣ ପାଇଁ ଏହାକୁ ମାଟିରେ ଆବରଣ ଭାବରେ ବ୍ୟବହାର କରନ୍ତୁ । ପ୍ରଚଳିତ ତାପମାତ୍ରାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ

ପଶୁଶାଳାରେ ଥଣ୍ଡା ପାନୀୟ ଜଳ ଏବଂ ଉପଯୁକ୍ତ ବାୟୁଚଳପ୍ରଚଳର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ଓ ସକାଳ ୧୧ଟା ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରେ ଚରିବାକୁ ଛାଡନ୍ତୁ ନାହିଁ ।

## ସଂକ୍ଷିପ୍ତ ଉପଦେଶ

- ଚାଷୀମାନେ ଇଂରାଜୀ ଏବଂ ଓଡ଼ିଆ ଉଭୟ ଭାଷାରେ ସମୟୋଚିତ ପାଣିପାଗ ପୂର୍ବାନୁମାନ ଏବଂ କୃଷି-ପାଣିପାଗ ପରାମର୍ଶ ପାଇଁ ମେଘଦୂତ ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରିପାରିବେ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ଥୋଡ଼ ବିକାସ ଅବସ୍ଥା/ ଫୁଲ / ଦୁଗ୍ଧ ଅବସ୍ଥା | • ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଉତ୍ତାପର ଚାପ ଜାରି ରହିବାର ସ୍ଥିତିକୁ ଦୃଷ୍ଟିରେ ରଖି, ପର୍ଯ୍ୟାପ୍ତ ମାଟି ଆର୍ଦ୍ରତା ବଜାୟ ରଖିବା ପାଇଁ ଖେତରେ ଗୋଟେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଅଛି ଯେପରିକି ୫ ସେମି ପାଣି ଜମିରେ ଠିଆ ହେବ ।<br>• ଉଚ୍ଚ ତାପମାତ୍ରା ଏବଂ ପରେ ମଝିରେ ମଝିରେ ମେଘୁଆ ପାଗ ଯୋଗୁଁ ଚକଡା ପୋକର ଆକ୍ରମଣ ଦେଖିବାକୁ ମିଳିପାରେ ତେଣୁ, ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଖେତରେ ଚକଡା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବାକୁ ଯଦି ସମ୍ଭବ ହୁଏ, ତେବେ ସିଞ୍ଚନ ପଦ୍ଧତିର ବିକଳ୍ପ ଓଦା ଏବଂ ଶୁଖା ପଦ୍ଧତି ବ୍ୟବହାର କରନ୍ତୁ ଏବଂ ନାଇଟ୍ରୋଜେନ୍ ସାରର ଅତ୍ୟଧିକ ବ୍ୟବହାରକୁ ଏଡାନ୍ତୁ । |
| ମୁଗ/ବିରି | ଛୁଇଁ ବାହାରିବା ଅବସ୍ଥା | • ଆବଶ୍ୟକତା ଅନୁଯାୟୀ ଜଳସେଚନ କରି ମାଟିର ଆର୍ଦ୍ରତା ନିୟନ୍ତ୍ରିତ କରନ୍ତୁ ।<br>• ଯଦି ଫଳ ବିନ୍ଧାକାରୀ ପୋକର ଆକ୍ରମଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ପାଇଁ  ପ୍ରତି ଲିଟର ପାଣିରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି. @ ୦.୪ ଗ୍ରାମ କିମ୍ବା ସ୍ପିନୋସାଡ୍ ୪୫ ଏସ୍.ସି. @ ୦.୩ ରୁ ୦.୪ ମିଲି କିମ୍ବା ଇଣ୍ଡୋକ୍ସାକାର୍ବ ୧୪.୫ ଏସ୍.ସି. @ ୦.୫ ମିଲିକୁ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଭଲ ଫଳାଫଳ ପାଇଁ, ସନ୍ଧ୍ୟା ସମୟରେ ପ୍ରାରମ୍ଭିକ ଲାର୍ଭା ପର୍ଯ୍ୟାୟରେ ସିଞ୍ଚନ କରିବା ଉଚିତ ଏବଂ ସମାନ କୀଟନାଶକର ବାରମ୍ବାର ବ୍ୟବହାର ଏଡାଇବା ଉଚିତ । |
| ଭେଣ୍ଡି | ଅଂଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଭେଣ୍ଡି ଗଛରେ ଡାଳ ଏବଂ ଫଳ ବିନ୍ଧା ପୋକ ଆକ୍ରମଣ ପାଇଁ ପ୍ରଚଳିତ ପାଗ (ଉଷ୍ମ ତାପମାତ୍ରା ସହିତ ମଧ୍ୟମ ଆର୍ଦ୍ରତା) ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି ।<br>• ଭେଣ୍ଡି ଗଛରେ ଫଳ ବିନ୍ଧା ପୋକର ପ୍ରଭାବଶାଳୀ ତଦାରଖ ଏବଂ ନିୟନ୍ତ୍ରଣ ପାଇଁ ପ୍ରତି ଏକର ପାଇଁ ୪ ରୁ ୫ ଫେରୋମୋନ ଫାଶ ବ୍ୟବହାର କରନ୍ତୁ । ବୟସ୍କ ପୋକଙ୍କୁ ଆକର୍ଷିତ ଏବଂ ମାରିବା ପାଇଁ ଆଲୋକ ଫାଶ ବ୍ୟବହାର କରନ୍ତୁ । ଯଦି ସମ୍ଭବ ହୁଏ ଫୁଲ ଅବସ୍ଥାରେ ରସାୟନିକ ଔଷଧର ବ୍ୟବହାରରୁ ଦୁରେଇ ରୁହନ୍ତୁ ।<br>• ତାପର ଚାପ ଯୋଗୁଁ ଶୀଘ୍ର ଫୁଲ ଝଡ଼ିବା ହ୍ରାସ କରିବା ପାଇଁ ଫସଲ କ୍ଷେତରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ। |
| ଆମ୍ବ | ଫଳ  ଅବସ୍ଥା | • ରୋଗ ଆକ୍ରମଣକୁ ଏଡାଇବା ପାଇଁ ଆମ୍ବ ଫସଲରେ ଗୁରୁତର ଭାବରେ କ୍ଷତିଗ୍ରସ୍ତ ଡାଳଗୁଡ଼ିକୁ କାଢିଦିଅନ୍ତୁ ।<br>• ପୂର୍ବ ଦିନଗୁଡିକରେ ପାଗର ଯେଉଁ ସ୍ଥିତି ଥିଲା ତାହା ଆଗାମୀ ଦିନରେ ଫଳ ମାଛିର ଆକ୍ରମଣ ପାଇଁ ଅନୁକୂଳ ଅଟେ ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗକୁ ବର୍ଷାର ସମ୍ଭାବନା କମ ଅଛି ଓ ଏହି ସମୟରେ ଉଷ୍ଣ ଲହରୀ ପରି ସ୍ଥିତିର ସମ୍ଭାବନା ଥିବାରୁ ଅଧିକ ଉତ୍ତାପ ଚାପ ଯୋଗୁଁ ଗଛରୁ ଫଳ ଝଡିବାର ସମ୍ଭାବନା ଦେଖାଦେଇପାରେ ତେଣୁ ଜଳସେଚନ କରି ମାଟିର ଆର୍ଦ୍ରତା ବନାଇ ରଖନ୍ତୁ । |
| ପିକୁଳି | ଫୁଲ ଓ ଫଳ ବାହାରିବା ଅବସ୍ଥା | • ଉଚ୍ଚ ତାପମାତ୍ରାର ସ୍ଥିତି ଯୋହୁଁ ପିକୁଳିରେ ଫୁଲ ଏବଂ ଫଳ ଝଡ଼ିପାରେ, ତେଣୁ ସନ୍ଧ୍ୟା ସମୟରେ ଗୋଟିଏ ହାଲୁକା ଜଳସେଚନ କରି କ୍ଷେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଅଛି ।<br>• ଚାଷୀଭାଇମାନେ ଦହିଆ ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକର ଆକ୍ରମଣ ପାଇଁ ଅନୁକୁଳ ଅଟେ । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ଦିନର ଉଚ୍ଚ ତାପମାତ୍ରା ସହିତ ସାମୟିକ ମେଘୁଆ ପରିସ୍ଥିତି ଯୋଗୁଁ, କାକୁଡି ବା କଖାରୁଜାତୀୟ ଫସଲ ଚାପର ସମ୍ମୁଖୀନ ହୋଇପାରେ ଯାହା ଫୁଲ ଫୁଟିବା, ଫଳ ସ୍ଥିର ହେବା ଏବଂ ରୋଗ ଆକ୍ରମଣକୁ ପ୍ରଭାବିତ କରିପାରେ । ତେଣୁ ଚାଷୀମାନେ କ୍ଷେତରେ ବର୍ଷା ନ ହେବା ସ୍ଥିତିରେ ହାଲୁକା ଏବଂ ବାରମ୍ବାର ହାଲୁକା ଜଳସେଚନ ଯୋଗାଇବା ଉଚିତ ଯାହା ଦ୍ଵାରା ମାଟିର ଆର୍ଦ୍ରତା ବଜାୟ ରହିବ ।<br>• ପରିପକ୍ଵ ଫସଲକୁ ସୁରକ୍ଷିତ ଜାଗାରେ ରଖିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆଗକୁ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଅଛି । |

| | | |
|---|---|---|
| | | • କୀଟପତଙ୍ଗ ଏବଂ ରୋଗ ଆକ୍ରମଣ ବିରୁଦ୍ଧରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁ ପାଳନ | • ପ୍ରଚଳିତ ତାପମାତ୍ରାର ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଦିନ ୧୨ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କାମ ପାଇଁ ପଶୁମାନଙ୍କୁ ବ୍ୟବହାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଖୋଲା ସ୍ଥାନରେ ସେମାନଙ୍କୁ ବାନ୍ଧିକି ନ ଛାଡ଼ନ୍ତୁ । ଗର୍ଭବତୀ ପଶୁ (୬ ମାସରୁ ଅଧିକ)ଙ୍କୁ ଅତିରିକ୍ତ ଖାଦ୍ୟ ଦିଆଯିବା ଉଚିତ । ପଶୁମାନଙ୍କ ଗୁହାଳ ଏବଂ ଅନ୍ୟ ସ୍ଥାନଗୁଡ଼ିକ ଭିତରକୁ ଯେମିତି ସିଧାସଳଖ ସୂର୍ଯ୍ୟ କିରଣ ନ ପଶୁ ତା'ର ଉଚିତ ବ୍ୟବସ୍ଥା କରନ୍ତୁ । ପଶୁମାନଙ୍କୁ ନିୟମିତ ତାଜା ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ଅତ୍ୟଧିକ ଗରମ ସମୟରେ, ପାଣି ସିଞ୍ଚନ କରନ୍ତୁ ଏବଂ ଗୋରୁମାନଙ୍କୁ ଥଣ୍ଡା କରିବା ପାଇଁ ଜଳାଶୟକୁ ନେଇଯାଆନ୍ତୁ ।<br>• ବିଜୁଳି ଘଡଘଡି ସମୟରେ ପଶୁମାନଙ୍କୁ ବାହାରେ ରଖନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।